# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**10 August – 2025**

**News Editor : Satya Narayan Pattanaik**

*********************************

## ମୁଖ୍ୟ ସମ୍ବାଦ

- ଆଦିବାସୀ ବହୁଳ ଅଂଚଳରେ ରୋଗୀସେବାକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି, କହିଲେ ମୁଖ୍ୟମନ୍ତ୍ରୀ

— ୬୫୦ ଶଯ୍ୟାବିଶିଷ୍ଟ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ନୂତନ କୋଠାର କଲେ ଲୋକାର୍ପଣ

- ରାଜ୍ୟର ୧୨ଟି ଜିଲ୍ଲାରେ ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ଫାଇଲେରିଆ ନିରାକରଣ ସାମୂହିକ ଔଷଧ ସେବନ ଆରମ୍ଭ

- ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନରେ ସିଂହଙ୍କ ଗୁରୁତ୍ୱ ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ  ଆଜି ପାଳନ କରାଯାଉଛି ବିଶ୍ୱ ସିଂହ ଦିବସ

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ବ୍ରୋଞ୍ଜ ପ୍ରତିଯୋଗିତା ଆୟୋଜିତ

## ମୁଖ୍ୟମନ୍ତ୍ରୀ - କୋରାପୁଟ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ ଗସ୍ତର ଦ୍ୱିତୀୟ ଦିନରେ ଆଜି କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ନୂଆ କୋଠାକୁ ଉଦ୍‌ଘାଟନ କରିଛନ୍ତି। ୬୫୦ ଶଯ୍ୟାବିଶିଷ୍ଟ ଡାକ୍ତରଖାନାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ସରକାର ଆଦିବାସୀ ବହୁଳ ଅଂଚଳରେ ରୋଗୀସେବା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇଦେବେ ବୋଲି କହିଛନ୍ତି।

**- V/O - (ମୁଖ୍ୟମନ୍ତ୍ରୀ)**

ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିବେ। ମୁଖ୍ୟମନ୍ତ୍ରୀ ଗତକାଲି ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଜୟପୁରଠାରେ ପ୍ରଦାନ କରିଥିଲେ।

ଏହାବ୍ୟତୀତ ଜିଲ୍ଲାରେ ୪୫୨ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ୪୩୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ୩୦୯ କୋଟି ଟଙ୍କା ମୂଲ୍ୟର ୧୨୬ଟି ନୂତନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ ।

## ପ୍ରଭାତୀ ପରିଡା-ନବରଙ୍ଗପୁର

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା **ନବରଙ୍ଗପୁର** ଗସ୍ତରେ ଯାଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଧ୍ୱଜାଧାରୀ ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଶ୍ରୀମତୀ ପରିଡା ପାପଡାହାଣ୍ଡି ବ୍ଲକ୍ ଗସ୍ତକରି ସହିଦ୍ ମୀନାର

ପରିଦର୍ଶନ କରିଥିଲେ। ୧୯୪୨ ଭାରତଛାଡ ଆନ୍ଦୋଳନରେ ପ୍ରାଣ ହରାଇଥିବା ୧୯ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାପିତ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ବଳଭଦ୍ର ମାଝୀ, ବିଧାୟକ ଗୌରୀଶଙ୍କର ମାଝୀ ଉପସ୍ଥିତ ଥିଲେ।

ଶିଶୁମାନଙ୍କ ମଧ୍ୟରେ ସିକିଲ ସେଲ୍ ଆନିମିଆ ସ୍ୱାସ୍ଥ୍ୟ ସମସ୍ୟା ରହିଥିବାରୁ ଜିଲ୍ଲାର ଗୋଟିଏ ବ୍ଲକକୁ ପ୍ରଥମ ପାଇଲଟ୍ ପ୍ରକଳ୍ପ ରୁପେ ଗ୍ରହଣ କରି ସମ୍ପୂର୍ଣ୍ଣ ଅପପୁଷ୍ଟି ମୁକ୍ତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି। ବାଲ୍ୟ ବିବାହ ପ୍ରଥା ନେଇ ଜନ ସଚେତନତା ସୃଷ୍ଟି କରାଯିବା ସହ ସ୍ୱତନ୍ତ୍ର ଟାସ୍କ ଫୋର୍ସ୍ ଗଠନ ପାଇଁ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି।

ପର୍ଯ୍ୟଟନର ବିକାଶ ପାଇଁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## - V/O - (ପ୍ରଭାତୀ ପରିଡା)

## ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ **ଗଞ୍ଜାମ** ଗସ୍ତରେ ଯାଇ ଛତ୍ରପୁର ମାଟିଖାଲଠାରେ ଆଇଆରଇଏଲ୍ (ଇଣ୍ଡିଆ) ଲିମିଟେଡ ପରିସରରେ ସମୁଦ୍ର ଜଳକୁ ମଧୁର ଜଳରେ ପରିଣତ କରିବା ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ଅଂଚଳର ଜଳ ସଂରକ୍ଷଣ ଦିଗରେ ଏହା ଏକ

ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହାବ୍ୟତୀତ ଶ୍ରୀ ପ୍ରଧାନ ଛତ୍ରପୁରଠାରେ ଆୟୋଜିତ ଗରିବ କଲ୍ୟାଣ ସମାବେଶରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

## - V/O - (ଧର୍ମେନ୍ଦ୍ର ପ୍ରଧାନ)

### ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ

କେନ୍ଦୁଝର ଜିଲ୍ଲା ଯୋଡାଠାରେ ବିଦ୍ୟୁତ ଆଘାତରେ ନାବାଳକର ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୃତକଙ୍କ ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

## ଫାଇଲେରିଆ ନିରାକରଣ

ରାଜ୍ୟରେ ଫାଇଲେରିଆ ନିରାକରଣ ଲକ୍ଷ୍ୟ ନେଇ ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ସାମୁହିକ ଔଷଧ ସେବନ ଅଭିଯାନ ଆରମ୍ଭ ହୋଇଛି। ଚଳିତମାସ ୧୯ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଅଧୀନରେ ୧ କୋଟି ୭୦ ଲକ୍ଷ ଲୋକଙ୍କୁ ଫାଇଲେରିଆ ଔଷଧ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ.......

ରାଜ୍ୟର ୧୨ଟି ଜିଲ୍ଲା ଅନୁଗୁଳ, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡ଼ା, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର,

ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ଫାଇଲେରିଆ ସାମୁହିକ ଔଷଧ ସେବନ ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲାଗୁଡ଼ିକରେ ୧୧୫ଟି କାର୍ଯ୍ୟାନ୍ୱୟନ ଦଳ ମାଧ୍ୟମରେ ଅଭିଯାନକୁ କାର୍ଯ୍ୟକାରୀ କରାଯାଉଛି। ଔଷଧ ବଣ୍ଟନ କାର୍ଯ୍ୟରେ ୪୧ ହଜାର ଆଶା, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠି ମହିଳାଙ୍କୁ ନିୟୋଜିତ କରାଯାଇଛି।

୨ ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥଙ୍କୁ ଔଷଧ ସେବନରୁ ବାରଣ କରାଯାଇଛି। ଅଭିଯାନର କାର୍ଯ୍ୟକାରିତା ନେଇ ୪ ହଜାର ୧୦୦ ଜଣ ପର୍ଯ୍ୟବେକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟକୁ ଫାଇଲେରିଆ ମୁକ୍ତ କରିବା ପାଇଁ ବର୍ଷକୁ ୨ଟି ପର୍ଯ୍ୟାୟରେ ଏହି ଅଭିଯାନ କରାଯାଉଛି । ଗତ ଫେବୃୟାରୀ ମାସରେ ଅନୁଷ୍ଠିତ ସାମୂହିକ ଔଷଧ ସେବନ ଅଭିଯାନରେ ୯୦ ପ୍ରତିଶତ ସଫଳତା ମିଳିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

**ସମ୍ବଲପୁର**ରେ ସାମୁହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନେ ଘର ଘର ବୁଲି ବଟିକା ସେବନ କରାଉଛନ୍ତି।

**କେନ୍ଦୁଝର** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୨୭ ସୁଦ୍ଧା ଫାଇଲେରିଆ ନିରାକରଣ କରିବାକୁ ଭାରତର ପ୍ରତିବଦ୍ଧତା ସୁନିଶ୍ଚିତ କରିବା ପାଇଁ ଆଜିଠାରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲ୍ଲାର ୩ଟି ପୌରପାଳିକା, କେନ୍ଦୁଝରଗଡ଼, ଯୋଡା, ବଲବିଲ ଏବଂ ୩ଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସଦର ପଦ୍ମପୁର, ବାସୁଦେବପୁର ଆଦି ସ୍ଥାନରେ ଅନୁଷ୍ଠିତ

ହେଉଛି। ଏଥିପାଇଁ ୧୯୪୨ ଜଣ ତାଲିମପ୍ରାପ୍ତ ଔଷଧ ପ୍ରଦାନ କାରୀ ୧୮୭ ଜଣ ସୁପର ଭାଇଜର ନିୟୋଜିତ ହୋଇଛନ୍ତି। ୫ ଲକ୍ଷ ୬୩ ହଜାର ୬୬ ଜଣଙ୍କୁ ଔଷଧ ସେବନ କରାଯିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

**ଢେଙ୍କାନାଳ** ପୁରୁଣା ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲାସ୍ତରୀୟ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଫାଇଲେରିଆ ନିରାକରଣ ପାଇଁ ଔଷଧ ସେବନ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାରେ ୨ ହଜାର ୮୦୦ରୁ ଅଧିକ କର୍ମୀ ଘରକୁ ଘର ବୁଲି ଔଷଧ ବଣ୍ଟନ କରୁଛନ୍ତି।

ଆକାଶବାଣୀ, କଟକ ସମ୍ବାଦ ବିଭାଗ ପକ୍ଷରୁ  ମୁଁ ମଳୟ ରଞ୍ଜନ ମିଶ୍ର

## ସିଂହ ଦିବସ

ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନରେ ସିଂହଙ୍କ ଗୁରୁତ୍ୱ ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ  ଆଜି ବିଶ୍ୱ ସିଂହ ଦିବସ ପାଳନ କରାଯାଉଛି। ଜଙ୍ଗଲରେ ସିଂହମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୨୦୧୩ ଅଗଷ୍ଟ ୧୦ ତାରିଖରେ ପ୍ରଥମ ବିଶ୍ୱ ସିଂହ ଦିବସ ପାଳନ କରାଯାଇଥିଲା। ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ-ଆଇୟୁସିଏନ୍‌'ର ଆକଳନ ଅନୁଯାୟୀ, ବିଶ୍ୱବ୍ୟାପୀ ସିଂହ ସଂଖ୍ୟା ୨୩ ହଜାରରୁ ୩୯ ହଜାର ମଧ୍ୟରେ ରହିଛି। ପଶ୍ଚିମ, ମଧ୍ୟ ଓ ପୂର୍ବ ଆଫ୍ରିକାରେ ସିଂହଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଉଛି। ୨୦୨୦

ସିଂହଗଣନା ଅନୁସାରେ ଭାରତରେ ସିଂହଙ୍କ ସଂଖ୍ୟାରେ ୩୨ ଦଶମିକ ୨ ପ୍ରତିଶତ ବୃଦ୍ଧି ଘଟିଛି । ୨୦୨୫ରେ କରାଯାଇଥିବା ସିଂହ ଗଣନା ଅନୁସାରେ, ଦେଶରେ ସିଂହଙ୍କ ସଂଖ୍ୟା ୮୯୧ ରହିଛି ।

## ହର ଘର ତ୍ରିରଙ୍ଗା

**ଭଦ୍ରକ** ଜିଲ୍ଲା ଚାନ୍ଦବାଲି ଏନ୍‌ଏସି ପକ୍ଷରୁ 'ହର ଘର ତ୍ରିରଙ୍ଗା-ହର ଘର ସ୍ୱଚ୍ଛତା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୌର ପରିଷଦ ଅଧିକାରୀ, କର୍ମଚାରୀ, ଯନ୍ତ୍ରୀ ଓ ସ୍ୱଚ୍ଛ ସାଥୀମାନେ ହର ଘର ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ସହ ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ କରିଥିଲେ ।

## ପ୍ରକଳ୍ପ ତାଲିମ୍

**ଗଜପତି** ଜିଲ୍ଲା  ମୋହନ କାଳିଆପଟା ସ୍ଥିତ ଏସ୍‌ଡିଇସିଠାରେ ଜନଜାତି ପ୍ରାର୍ଥୀଙ୍କୁ ତାଲିମ୍ ଦେବା ପାଇଁ ଏକ ସ୍ୱତନ୍ତ୍ର ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି । ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରକଳ୍ପ ତାଲିମ୍ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ବିଭିନ୍ନ ଉପାଦେୟ ବିଷୟ ସମ୍ପର୍କରେ ଆଲୋଚନା କରିଥିଲେ ।  ଏହି ପ୍ରକଳ୍ପ ମାଧ୍ୟମରେ ୬୦ ଜଣ ଜନଜାତି ପ୍ରାର୍ଥୀଙ୍କୁ ତାଲିମ ପ୍ରଦାନ କରାଯିବ ।

## ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ପ୍ରତିଯୋଗିତା

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ ଆଜି ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ।

୧୮ଟି ବର୍ଗରେ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାରେ ଭାରତକୁ ମିଶାଇ ୧୭ଟି ଦେଶର ମୋଟ୍ ୧୬୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ କରିବା ଏବଂ ପ୍ରତିଯୋଗୀଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଷ୍ଟାଡିୟମ୍‌ରେ ଦର୍ଶକଙ୍କର ପ୍ରବେଶକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯାଇଛି। ଭାରତରୁ ୯୦ରୁ ଅଧିକ କ୍ରୀଡାବିତ୍ ଏଥିରେ ଭାଗ ନେଇଛନ୍ତି। ଓଡ଼ିଶାର ଅନିମେଷ କୁଜୁର, ଶ୍ରାବଣୀ ନନ୍ଦ, ଲାଲୁ ପ୍ରସାଦ ଭୋଇ, ପ୍ରଜ୍ଞାନ୍ ସାହୁ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗ ନେଇଛନ୍ତି।